रेजिस्ट्री सं डी-221

REGISTERED No. D-221
ରେଜିଷ୍ଟ୍ରି ସଂ. ଡି-221

127

# भारत का राजपत्र
# The Gazette of India
# ଭାରତର ଗେଜେଟ

असाधारण
EXTRAORDINARY
ଅସାଧାରଣ

भाग XIII—अनुभाग I
Part XIII—Section I
ଭାଗ XIII— ଖଣ୍ଡ I

प्राधिकार से प्रकाशित
PUBLISHED BY AUTHORITY
ପ୍ରାଧିକାର ଦ୍ୱାରା ପ୍ରକାଶିତ

राजभाषा खण्ड
विधायी विभाग
विधायी II अनुभाग
977/91
5/4/91

No 1, NEW DELHI, TUESDAY, MAY 8, 1990/BAISAKH 18, 1912 (SAKA) VOL I

ସଂ. 1, ନୂଆଦିଲ୍ଲୀ, ମଙ୍ଗଳବାର, ମଇ 8, 1990/ବୈଶାଖ 18, 1912 (ଶକ) ଗ୍ରନ୍ଥଖଣ୍ଡ 1

## MINISTRY OF LAW AND JUSTICE

### (Legislative Department)

*New Delhi, Dated the 8th May, 1990/18 Baisakh, 1912 (Saka)*

The translation in Oriya of the following—

(1) The Government Seal Act, 1862 (2) The Judicial Officers Protection Act, 1850 (3) The Indian Law Reports Act, 1875 (4) The Anand Marriage Act, 1909 (5) The Hindu Marriage (Validation of Proceedings) Act, 1960 (6) The Indian Matrimonial Causes (War Marriages) Act, 1948 (7) The Marriages' Validation Act, 1892 (8) The Local Authorities Pensions and Gratuities Act, 1919 (9) The Cutchi Memons Act, 1938 (10) The Unclaimed Deposits Act, 1866 (11) The Santhal Parganas Act, 1857 (12) The Hindu Gains of Learning Act, 1930 (13) The Arya Marriage Validation Act, 1937 (14) The Hindu Inheritance (Removal of Disabilities) Act, 1928 (15) The Child Marriage Restraint Act, 1929 (16) The Kazis Act, 1880 (17) The Dissolution of Muslim Marriages Act, 1939 (18) The Hindu Disposition of Property Act, 1916 (19) The Oriental Gas Company

(20) The Bengal Bonded Warehouse Association (21) The Caste Disabilities Removal Act, 1850 (22) The Dowry Prohibition Act, 1961 are hereby published under the authority of the President and shall be deemed to be the Authoritative Text thereof in Oriya under Clause (*a*) of Section 2 of the Authoritative Texts (Central Laws) Act, 1973 (50 of 1973).

## ବିଧି ଓ ନ୍ୟାୟ ମନ୍ତ୍ରାଳୟ

### (ବିଧାୟୀ ବିଭାଗ)

ନୂଆଦିଲ୍ଲୀ, 8 ମଇ, 1990/18 ବୈଶାଖ, 1912 (ଶକ)

(1) ଦି ଗଭର୍ଣ୍ଣମେଣ୍ଟ ସିଲ୍ ଏକ୍ଟ, 1862 (2) ଦି ଜୁଡ଼ିଶ୍ୟାଲ୍ ଅଫିସାରସ୍ ପ୍ରୋଟେକ୍ସନ୍ ଏକ୍ଟ, 1850 (3) ଦି ଇଣ୍ଡିଆନ୍ ଲ ରିପୋର୍ଟସ୍ ଏକ୍ଟ, 1875 (4) ଦି ଆନନ୍ଦ ମ୍ୟାରିଜ୍ ଏକ୍ଟ, 1909 (5) ଦି ହିନ୍ଦୁ ମ୍ୟାରେଜେସ (ଭ୍ୟାଲିଡେସନ ଅଫ୍ ପ୍ରୋସିଡ଼ିଙ୍ଗ୍ସ) ଏକ୍ଟ, 1960 (6) ଦି ଇଣ୍ଡିଆନ୍ ମାଟ୍ରିମୋନିୟାଲ୍ କଜେସ୍ (ୱାର ମ୍ୟାରିଜସ୍) ଏକ୍ଟ, 1948 (7) ଦି ମ୍ୟାରିଜସ୍ ଭଲିଡେସନ ଏକ୍ଟ, 1892 (8) ଦି ଲୋକାଲ ଅଥରିଟିଜ୍ ପେନ୍ସନ ଆଣ୍ଡ ଗ୍ରାଚ୍ୟୁଟିଜ୍ ଏକ୍ଟ, 1919 (9) ଦି କଛିମେମନ୍ସ ଏକ୍ଟ, 1938 (10) ଦି ଅନକ୍ଲେମଡ଼ ଡ଼ିପୋଜିଟ୍ସ ଏକ୍ଟ, 1866 (11) ଦି ସାନ୍ତାଳ ପରଗଣାସ୍ ଏକ୍ଟ, 1857 (12) ଦି ହିନ୍ଦୁ ଗେନ୍ସ ଅଫ୍ ଲର୍ଣିଂଙ୍ଗ ଏକ୍ଟ, 1930 (13) ଦି ଆର୍ଯ୍ୟମ୍ୟାରିଜ୍ ଭ୍ୟାଲିଡ଼େସନ ଏକ୍ଟ, 1937 (14) ଦି ହିନ୍ଦୁ ଇନ୍‌ହେରିଟାନ୍ସ (ରିମୁଭଲ୍ ଅଫ୍ ଡ଼ିସ୍-ୟାବିଲ୍‌ଟିଜ୍) ଏକ୍ଟ, 1928 (15) ଦି ଗୁଇଲଡ଼ ମ୍ୟାରିଜ୍ ରେଷ୍ଟ୍ରେଣ୍ଟ୍ ଏକ୍ଟ, 1929 (16) ଦି କାଜିସ୍ ଏକ୍ଟ, 1880 (17) ଦି ଡ଼ିସ୍-ସଲିଉଶନ୍ ଅଫ୍ ମୁସଲିମ୍ ମ୍ୟାରିଜସ୍ ଏକ୍ଟ, 1939 (18) ଦି ହିନ୍ଦୁ ଡ଼ିସ୍‌ପଜିସନ୍ ଅଫ୍ ପ୍ରପର୍ଟି ଏକ୍ଟ, 1916 (19) ଦି ଓରିଏଣ୍ଟାଲ ଗ୍ୟାସ୍ କମ୍ପାନୀ (20) ଦି ବେଙ୍ଗଲ ବଣ୍ଡେଡ୍ ଓୟାର ହାଉସ୍ ଆସୋସିଏସନ (21) ଦି କ୍ୟାଷ୍ଟ ଡ଼ିସୟାବିଲିଟିଜ୍ ରିମଭ୍ୟାଲ୍ ଏକ୍ଟ, 1850 (22) ଦି ଡ଼ାଉରୀ ପ୍ରୋହିବିସନ ଏକ୍ଟ, 1961 ର ନିମ୍ନଲିଖିତ ଓଡ଼ିଆ ଅନୁବାଦ ରାଷ୍ଟ୍ରପତିଙ୍କର ପ୍ରାଧିକାର ଅନୁଯାୟୀ ଏତଦ୍ୱାରା ପ୍ରକାଶିତ ହେଉଅଛି ଏବଂ ଏହା ପ୍ରାଧିକୃତ ପାଠ (କେନ୍ଦ୍ରୀୟ ବିଧି) ଅଧିନିୟମ, 1973 (1973 ର 50) ର ଧାରା 2ର ଖଣ୍ଡ (କ) ଅନୁଯାୟୀ ଓଡ଼ିଆ ଭଷାରେ ସେଗୁଡ଼ିକର ପ୍ରାଧିକୃତ ପାଠ ବୋଲି ବିବେଚିତ ହେବ ।

# କାଜି ଅଧିନିୟମ, 1880

## 1880 ର ଅଧିନିୟମ ସଂ 12

### କାଜି ପଦରେ ବ୍ୟକ୍ତିମାନଙ୍କର ନିଯୁକ୍ତିପାଇଁ ଏକ ଅଧିନିୟମ

[ 9 ଜୁଲାଇ, 1880 ]

ଯେହେତୁ 1864ର ଅଧିନିୟମ XI (ହିନ୍ଦୁ ଓ ମହମଡାନ ବିଧି ଅଧିକାରୀ ପଦ ଓ କାଜି ଉଲକୁଜାତ୍ ଓ କାଜି ପଦ ସଂକ୍ରାନ୍ତ ବିଧିକୁ ନିରସିତ କରିବା ନିମିତ୍ତ ଓ ପୂର୍ବ ପଦଗୁଡ଼ିକୁ ଉଚ୍ଛେଦ କରିବା ନିମିତ୍ତ ଏକ ଅଧିନିୟମ)ର ଉଦ୍ଦେଶିକା ଦ୍ୱାରା ଅନ୍ୟ ବିଷୟମାନଙ୍କ ମଧ୍ୟରେ ଘୋଷଣା କରାଯାଇଥିଲା ଯେ କାଜି ଉଲକୁଜାତ୍‌ଙ୍କର ବା ନଗର, ସହର ବା ପ୍ରଗଣା କାଜିମାନଙ୍କର ନିଯୁକ୍ତି ସରକାରଙ୍କ ଦ୍ୱାରା ହେବା ଅସମୀଚୀନ ଅଟେ, ଓ ସରକାରଙ୍କ ଦ୍ୱାରା ଉକ୍ତ ଅଧିକାରୀ-ମାନଙ୍କ ନିଯୁକ୍ତି ସଂକ୍ରାନ୍ତ ଅଧିନିୟମନଗୁଡ଼ିକ ସେହି ଅଧିନିୟମ ଦ୍ୱାରା ନିରସିତ ହୋଇଥିଲା ; ଏବଂ ଯେହେତୁ ଭାରତର କେତେକ ଅଂଶରେ ମହମଡାନ ଗୋଷ୍ଠୀର ଚଳଣି ଦ୍ୱାରା ବିବାହ ଅନୁଷ୍ଠାନରେ ଓ ଅନ୍ୟ କେତେକ କର୍ମକାଣ୍ଡରେ ସରକାରଙ୍କ ଦ୍ୱାରା ନିଯୁକ୍ତ କାଜିଙ୍କ ଉପସ୍ଥିତି ଆବଶ୍ୟକ ଓ ଏହା ସେଥିପାଇଁ ସମୀଚୀନ ଅଟେ ଯେ ସରକାର କାଜି ପଦରେ ଲୋକ ନିଯୁକ୍ତ କରିବାକୁ ପୁନର୍ବାର କ୍ଷମତାପନ୍ନ ହେବା ଉଚିତ ;

ତେଣୁ ଏତଦ୍ଦ୍ୱାରା ନିମ୍ନମତେ ଅଧିନିୟମିତ ହେଲା:—

ସଂକ୍ଷିପ୍ତ ନାମ

1. ଏହି ଅଧିନିୟମ କାଜି ଅଧିନିୟମ, 1880 ନାମରେ ଅଭିହିତ ହେବ ।

ସ୍ଥାନୀୟ ବିସ୍ତାର

ଏହା ପ୍ରଥମତଃ, ସପରିଷଦ ଫୋର୍ଟସେଣ୍ଟ ଜର୍ଜର ଗଭର୍ଣ୍ଣରଙ୍କ ଦ୍ୱାରା ପ୍ରଶାସିତ ରାଜ୍ୟକ୍ଷେତ୍ର ପ୍ରତି ହିଁ ବିସ୍ତୃତ ଅଟେ, କିନ୍ତୁ ଅନ୍ୟ କୌଣସି ରାଜ୍ୟର ସରକାର ସମୟକୁ ସମୟ ସରକାରୀ ଗେଜେଟରେ ଅଧିସୂଚନା ଦ୍ୱାରା ନିଜ ପ୍ରଶାସନରେ ଥିବା ରାଜ୍ୟକ୍ଷେତ୍ରର ସମସ୍ତ ବା କୌଣସି ଅଂଶରେ ଏହାକୁ ବିସ୍ତାରିତ କରିପାରିବେ ।

କୌଣସି ସ୍ଥାନୀୟ କ୍ଷେତ୍ରପାଇଁ କାଜି ନିଯୁକ୍ତ କରିବାର କ୍ଷମତା ।

2. ଯେଉଁସ୍ଥଳେ ରାଜ୍ୟ ସରକାରଙ୍କୁ ବୋଧ ହୁଏ ଯେ କୌଣସି ସ୍ଥାନୀୟ କ୍ଷେତ୍ରରେ ବାସ କରୁଥିବା ବହୁସଂଖ୍ୟକ ମହମଡାନ ଇଚ୍ଛା ପ୍ରକାଶ କରୁଛନ୍ତି ଯେ ଏପରି ସ୍ଥାନୀୟ କ୍ଷେତ୍ରପାଇଁ ଜଣେ ବା ଅଧିକ ସଂଖ୍ୟକ କାଜି ନିଯୁକ୍ତ ହେବା ଉଚିତ ସେ ସ୍ଥଳେ ରାଜ୍ୟ ସରକାର, ଯଦି ଉପଯୁକ୍ତ ମନେ କରନ୍ତି ତାହାହେଲେ ଏପରି ସ୍ଥାନୀୟ କ୍ଷେତ୍ରର ପ୍ରମୁଖ ମହମଡାନ ନିବାସୀଙ୍କ ସହ ପରାମର୍ଶ କରିବା ପରେ ଜଣେ ବା ଅଧିକ ସଂଖ୍ୟକ ଉପଯୁକ୍ତ ବ୍ୟକ୍ତିଙ୍କୁ ବାଛିବେ ଓ ସେହି ସ୍ଥାନୀୟ କ୍ଷେତ୍ର ପାଇଁ କାଜି ହେବାକୁ ତାଙ୍କୁ ବା ସେମାନଙ୍କୁ ନିଯୁକ୍ତ କରିବେ ।

ଏହି ଧାରା ଅନୁଯାୟୀ କୌଣସି ବ୍ୟକ୍ତି ଠିକ୍ ଭାବେ କାଜି ନିଯୁକ୍ତ ହୋଇଛନ୍ତି କି ନାହିଁ ବୋଲି ଯଦି କୌଣସି ପ୍ରଶ୍ନ ଉଠେ ତାହାହେଲେ ସେ ସମ୍ପର୍କରେ ରାଜ୍ୟ ସରକାରଙ୍କ ନିଷ୍ପତ୍ତି ନିଶ୍ଚାୟକ ହେବ ।

ଏହି ଧାରା ଅନୁଯାୟୀ ନିଯୁକ୍ତ ଯେଉଁ କାଜି ତାଙ୍କ କାର୍ଯ୍ୟ ନିଷ୍ପାଦନରେ କୌଣସି ଅସଦାଚରଣ ପାଇଁ ଦୋଷୀ ହୁଅନ୍ତି ବା ସେ ନିଯୁକ୍ତ ହୋଇଥିବା ସ୍ଥାନୀୟ କ୍ଷେତ୍ରରୁ ଅବିଚ୍ଛିନ୍ନ ଭାବେ ଛ ମାସ କାଳାବଧି ପାଇଁ ଅନୁପସ୍ଥିତ ରହନ୍ତି ବା ଅନ୍ୟ ସ୍ଥାନରେ ବାସ କରିବା ଉଦ୍ଦେଶ୍ୟରେ ସେହି ସ୍ଥାନୀୟ କ୍ଷେତ୍ର ଛାଡ଼ନ୍ତି ବା ପରିଶୋଧଅକ୍ଷମ ଘୋଷିତ ହୁଅନ୍ତି ବା କାର୍ଯ୍ୟରୁ ଭାରମୁକ୍ତ ହେବାକୁ ଇଚ୍ଛା କରନ୍ତି ବା ଯେ ସେହି ପଦର କର୍ତ୍ତବ୍ୟମାନ ନିର୍ବାହ କରିବାକୁ ମନା କରନ୍ତି ବା ରାଜ୍ୟ ସରକାରଙ୍କ ମତରେ ସେଥିପାଇଁ ଅନୁପଯୁକ୍ତ ବା ବ୍ୟକ୍ତିଗତ ଭାବରେ ଅସମର୍ଥ ହୁଅନ୍ତି ତାହାଙ୍କୁ, ରାଜ୍ୟ ସରକାର ଉପଯୁକ୍ତ ମନେ କଲେ, ନିଲମ୍ବିତ ବା ଅପସାରିତ କରିପାରିବେ ।

ନାଏବ କାଜି

3. ଏହି ଅଧିନିୟମ ଅନୁଯାୟୀ ନିଯୁକ୍ତ କୌଣସି କାଜି ତାଙ୍କ ପଦ ସମ୍ବନ୍ଧୀୟ ସମସ୍ତ ବା କୌଣସି ବିଷୟରେ ସେ ନିଯୁକ୍ତ ହୋଇଥିବା ସ୍ଥାନୀୟ କ୍ଷେତ୍ରର ସମସ୍ତ ବା କୌଣସି ଭାଗରେ ତାଙ୍କ ସ୍ଥାନରେ କାର୍ଯ୍ୟ କରିବାକୁ ଜଣେ ବା ଅଧିକ ସଂଖ୍ୟକ ନାଏବ ନିଯୁକ୍ତ କରିପାରିବେ ଓ ସେପରି ନିଯୁକ୍ତ ହୋଇଥିବା ଯେ କୌଣସି ନାଏବଙ୍କୁ ନିଲମ୍ବିତ ବା ଅପସାରିତ କରିପାରିବେ ।

ଯେବେ ଧାରା 2 ଅନୁଯାୟୀ କୌଣସି କାଜି ନିଲମ୍ବିତ ବା ଅପସାରିତ ହୁଅନ୍ତି ତେବେ ଯଦି ତାଙ୍କର କୌଣସି ନାଏବ ବା ନାଏବମାନେ ଥାଆନ୍ତି ତାହାହେଲେ ସେ ବା ସେମାନେ, ଯଥାସ୍ଥିତି, ନିଲମ୍ବିତ ବା ଅପସାରିତ ହେଲେ ବୋଲି ବିବେଚିତ ହେବେ ।

ଏହି ଅଧିନିୟମର କୌଣସି ବିଷୟ ନ୍ୟାୟିକ ବା ପ୍ରଶାସନିକ କ୍ଷମତା ପ୍ରଦାନ କରିବ ନାହିଁ ; ବା କାଜିଙ୍କ ଉପସ୍ଥିତି ଆବଶ୍ୟକ କରିବ ନାହିଁ ; ବା କାଜି ଭାବେ କାର୍ଯ୍ୟ କରିବାକୁ କୌଣସି ବ୍ୟକ୍ତିଙ୍କୁ ନିବାରଣ କରିବ ନାହିଁ ।

4. ଏହାର ଅନ୍ତର୍ଭୁକ୍ତ କୌଣସି ବିଷୟ ଓ ଏହା ଅନୁଯାୟୀ କରାହୋଇଥିବା କୌଣସି ନିଯୁକ୍ତି—

(କ) ଏହା ଅନୁଯାୟୀ ନିଯୁକ୍ତ କୌଣସି କାଜିଙ୍କୁ ବା ନାଏବ କାଜିଙ୍କୁ ନ୍ୟାୟିକ ବା ପ୍ରଶାସନିକ କ୍ଷମତା ଅର୍ପଣ କରୁଛି ବୋଲି ; ବା

(ଖ) କୌଣସି ବିବାହ ଅନୁଷ୍ଠାନ ବେଳେ ବା କୌଣସି କର୍ମକାଣ୍ଡ ସମ୍ପାଦନ ବେଳେ ଜଣେ କାଜି ବା ନାଏବ କାଜିଙ୍କ ଉପସ୍ଥିତି ଆବଶ୍ୟକ କରାଉଛି ବୋଲି ; ବା

(ଗ) ଜଣେ କାଜିଙ୍କ ଯେ କୌଣସି କୃତ୍ୟ ନିର୍ବାହ କରିବାରେ କୌଣସି ବ୍ୟକ୍ତିଙ୍କୁ ନିବାରଣ କରୁଛି ବୋଲି ବିବେଚିତ ହେବ ନାହିଁ ।